



# ଆଦିବାସୀ ମହୋତ୍ସବ ଉଦ୍‌ଯାପିତ

**ପାରାଦୀପ, ୧୬।୨ (ସ୍ୱ.ପ୍ର.)**

ସ୍ଥାନୀୟ ବଡ଼ପଡ଼ିଆସ୍ଥିତ ଗଲ୍ଫ ପଡ଼ିଆଠାରେ ରବିବାର ଆଦିବାସୀ ମହୋତ୍ସବ ପାଳିତ ହୋଇଯାଇଛି। ପାରାଦୀପ ବନ୍ଦର, ସାକ୍ଷରତା ସମିତି ଓ ଖାରୱେଲଦମେଲ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବକୁ ପୂର୍ବାହ୍ନରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଡିଜ୍ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ସିଏମ୍‌ଇ ସରୋଜ କୁମାର ଦାଶ, ଡେପୁଟି ସିଏମ୍ ଦୀପକ ରଥ, ସ୍ମିତା ରଥ, ପ୍ରୀତିଆରତି ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିନ ତମାମ ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ନୃତ୍ୟଗୀତ ଧନୁତୀର ଚାଳନା ଓ ମାଟିହାଣ୍ଡି ଭାଙ୍ଗିବା ଆଦି କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ, ପି.କେ. ହାଜରା ଚୌଧୁରୀ, ଦାମେଲ ସଭାପତି ପାରାଉଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ଅଶୋକ ମହାପାତ୍ର ସଞ୍ଚାଳନ କରିଥିଲେ। ଉତ୍ସବରେ ଆଦିବାସୀଙ୍କ ପାରମ୍ପରିକ ପୋଷାକ, ପୁସ୍ତକ, ହାତ ତିଆରି ସାମଗ୍ରୀ, ପାରମ୍ପରିକ ବସ୍ତ୍ର ଆଦିର ଷ୍ଟଲ ଖୋଲିଥିଲ। ଏଥିରେ ବନ୍ଦରାଞ୍ଚଳର ଆଦିବାସୀ ପରିବାର ସାମିଲ ହୋଇଥିଲେ।






# ଚାଷୀଙ୍କୁ ହୀନସ୍ତା କରୁଛି ସରକାରୀ ନିୟମ

**ତିର୍ତ୍ତୋଲ, ୧୬।୨ (ଡି.ଏନ୍.ଏ.)**

- ଗାଡ଼ି ଅଭାବରୁ ମଣ୍ଡିରେ ପଡ଼ିରହୁଛି ଧାନ
- ଆବଶ୍ୟକ ଗାଡ଼ି ପଞ୍ଜୀକୃତ ହୋଇନ ଥିବା ଅଭିଯୋଗ
- ଧାର୍ଯ୍ୟ ସମୟରେ ସମସ୍ତ ଧାନ ସଂଗ୍ରହ ନେଇ ଆଶଙ୍କା

ଚଳିତବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ନୂତନ ଭାବରେ ଇ-ଟୋକନ୍ ବ୍ୟବସ୍ଥା ସହିତ ପରିବହନ ପାଇଁ ଆଗୁଆ ଗାଡ଼ି ପଞ୍ଜୀକରଣ ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ମିଲରମାନେ ଆବଶ୍ୟକ ପରିମାଣର ଗାଡ଼ି ପଞ୍ଜୀକୃତ କରି ନ ଥିବାରୁ ଏବେ ମଣ୍ଡିରୁ ଧାନ ସଂଗ୍ରହ ବିଳମ୍ବ ହେଉଛି। ଫଳରେ ଖରାବର୍ଷାରେ ପଡିରହିବା କାରଣରୁ ଚାଷୀମାନେ ହୀନସ୍ତା ହେଉଛନ୍ତି। ତିର୍ତ୍ତୋଲ ବ୍ଲକର କଟରା ସମେତ ରାହାମା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା କେତେକ ସମବାୟ ସମିତିରେ ଏଭଳି ସମସ୍ୟା ଉପୁଜୁଥିବା ନେଇ ଚାଷୀମାନେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନି। କେବଳ ପଞ୍ଜୀକୃତ ଗାଡ଼ି ହିଁ ଧାନ ପରିବହନ କରିପାରିବ ବୋଲି ସରକାରୀ ନିୟମ ଥିବାରୁ ଏହାର ସମାଧାନ ହୋଇପାରୁନାହିଁ। ତେବେ ଏହି କାରଣରୁ ଧାର୍ଯ୍ୟ ସମୟ ମଧ୍ୟରେ ମଣ୍ଡିରୁ ଚାଷୀଙ୍କ ସମସ୍ତ ଧାନ ସଂଗ୍ରହ ହେବା ନେଇ ସନ୍ଦେହ ଉପୁଜିଛି।

ପୂର୍ବରୁ ମଣ୍ଡିରୁ ଧାନ ଉଠାଇବା ନିମନ୍ତେ ମିଲର କିମ୍ବା ସମ୍ପୃକ୍ତ ସେବା ସମବାୟ ସମିତି ଗାଡ଼ି ଠିକ୍ କରି ମିଲ୍‌ରେ ଧାନ ପହଞ୍ଚାଉଥିଲେ। କିନ୍ତୁ ଚଳିତବର୍ଷ ସ୍ୱଚ୍ଛତା ଦୃଷ୍ଟିରୁ ଧାନ ପରିବହନ ପାଇଁ ମିଲରମାନେ ସରକାରଙ୍କ ନିକଟରେ ସେମାନଙ୍କର ପରିବହନକାରୀ ଗାଡ଼ିକୁ ପୂର୍ବରୁ ପଞ୍ଜୀକୃତ କରାଇବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଧାନ ପରିବହନ ନିମନ୍ତେ ମିଲରମାନେ ଆଗୁଆ ଭାବରେ ସେମାନଙ୍କ ଗାଡି ପଞ୍ଜୀକରଣ କରାଇଛନ୍ତି। ପଞ୍ଜିକୃତ ଗାଡ଼ି ବ୍ୟତୀତ ଅନ୍ୟ ଗାଡ଼ିରେ ଧାନ ପରିବହନ କରିବାର ନିୟମ ନାହିଁ। ମିଲରମାନେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ଗାଡି ପଞ୍ଜୀକୃତ କରିଥିବାରୁ ମଣ୍ଡି ବାହାରେ ଦିନ ଦିନ ଧରି ଧାନ ପଡିରହୁଛି। ତିର୍ତ୍ତୋଲ ବ୍ଲକର କଟରା ସମେତ ରାହାମା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ନପଙ୍ଗ ସେବା ସମବାୟ ସମିତିରେ ଏପରି ଅବ୍ୟବସ୍ଥା ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଖୋଲା ଆକାଶ ତଳେ ଦିନ ଦିନ ଧରି ଧାନ ପଡ଼ିରହିବା ଯୋଗୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜିଲା ଧାନ କ୍ରୟ କମିଟି ଏବଂ ଜିଲାପାଳ ଚାଷୀଙ୍କ ଏହି ସମସ୍ୟା ଦୂର କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ତିର୍ତ୍ତୋଲ ଶାଖାର ପରିଚାଳକ ଦୋଳଗୋବିନ୍ଦ ଖଟୁଆଙ୍କୁ ପଚାରିବାରେ ଆଗରୁ ଅଧିକ ଗାଡି ଆବଶ୍ୟକ ହେଲେ ସେବା ସମବାୟ ସମିତି କିମ୍ବା କ୍ରୟ କମିଟି ଗାଡ଼ି ଯୋଗାଇ ଦେଉଥିଲେ। ଏବେ ଗାଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ମିଲରଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏଥିସହ ଆଗୁଆ ଗାଡି ପଞ୍ଜୀକରଣ ବ୍ୟବସ୍ଥା ଥିବାରୁ ବାହାର ଗାଡ଼ି ଲଗାଇବା ସମ୍ଭବ ନୁହେଁ ବୋଲି ଖଟୁଆ କହିଛନ୍ତି।

# ଏରସମା ଡ୍ରାମା ଉତ୍ସବ

**ଏରସମା, ୧୬।୨ (ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ବାମଦେଇପୁର ପଞ୍ଚାୟତସ୍ଥିତ ସୁନାଡିଆ ଗ୍ରାମରେ ମା' ସୁନାଦେଇ ଡ୍ରାମାଟିକ୍ କ୍ଲବ ପକ୍ଷରୁ ୫ମ ବାର୍ଷିକ ଡ୍ରାମା ଉତ୍ସବ ଗତ ୧୪ରୁ ଆରମ୍ଭ ହୋଇ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବକୁ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଶାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବାମଦେଇପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟ ମୁଖ୍ୟବକ୍ତା, ସମିତିସଭ୍ୟାଙ୍କ ପ୍ରତିନିଧି ବିକ୍ରମ ମହପାତ୍ର, ସମୀର ରଞ୍ଜନ ସ୍ୱାଇଁ, ପବିତ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗ୍ରାମାଞ୍ଚଳରେ ଡ୍ରାମା ପରିବେଷଣ ହେବା ଦ୍ୱାରା କଳାର ବିକାଶ ହୋଇପାରୁଛି ବୋଲି କହିଥିଲେ। ଏଥିରେ ବିକ୍ରମଜିତ ନାୟକ, ଦୀପକ ସ୍ୱାଇଁ, ଅନନ୍ତ ନାୟକ, ପ୍ରଭାକର ସ୍ୱାଇଁ, ରାକେଶ ଦଳାଇ, ବାଇଧର ସ୍ୱାଇଁ, ସୁବାସ ଦଳାଇ, ସର୍ବେଶ୍ୱର ପାତ୍ର, ମଦନ ରାଉତ, ରାଜେଶ ପାତ୍ର, ଅମୂଲ୍ୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

